# NATIONAL NEWS BULLETIN (ODIA)

**24 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତରତ୍ନ କର୍ପୁରୀ ଠାକୁର ଜଣେ ଜନନାୟକ ଓ ଦୂରଦ୍ରଷ୍ଟା ରାଜନୀତିଜ୍ଞ ଥିଲେ - କହିଛନ୍ତି ଉପରାଷ୍ଟ୍ରପତି ।

- ଯୁଦ୍ଧକ୍ଷେତ୍ର ନିରୀକ୍ଷଣ ପ୍ରଣାଳୀ-ସଞ୍ଜୟର ଶୁଭାରମ୍ଭ କଲେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ।

- ୱାକ୍‌ଅଫ୍ ସଂଶୋଧନ ବିଲ୍ ଉପରେ ଆଜି ଓ ଆସନ୍ତା କାଲି ଅନୁଷ୍ଠିତ ହେବ ଯୁଗ୍ମ ସଂସଦୀୟ କମିଟି ବୈଠକ ।

- ସମାଜରେ କନ୍ୟା ସନ୍ତାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳିତ ହେଉଛି ଜାତୀୟ କନ୍ୟା ସନ୍ତାନ ଦିବସ ।

ଏବଂ

- ମହିଳା ହକିଇଣ୍ଡିଆ ଲିଗ୍‌ର ପ୍ରଥମ ଦଳ ଭାବେ ଓଡ଼ିଶା ୱାରିୟର୍ସ ଫାଇନାଲକୁ ଉନ୍ନୀତ ।

# ବିହାର–ଭାଇସ ପ୍ରେସିଡେଣ୍ଟ

ଭାରତରତ୍ନ କର୍ପୁରୀ ଠାକୁର ବାସ୍ତବରେ ଜଣେ ଜନନାୟକ ଏବଂ ଦୂରଦ୍ରଷ୍ଟା ରାଜନୀତିଜ୍ଞ ଥିଲେ ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି । ସେ କହିଛନ୍ତି ବିହାରରେ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଥିଲେ । ଆଜି ବିହାରର ସମସ୍ତିପୁରରେ କର୍ପୁରୀ ଠାକୁରଙ୍କ ୧୦୧ତମ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଇ ଉପରାଷ୍ଟ୍ରପତି କହିଛନ୍ତି, ଶ୍ରୀ ଠାକୁର ସାମାଜିକ ନ୍ୟାୟ, ମାତୃଭାଷାରେ ଶିକ୍ଷାଦାନ ଏବଂ ଭିନ୍ନଜାତିରେ ବିବାହ ଭଳି ପଦକ୍ଷେପ ଗ୍ରହଣ କରିଥିଲେ । ଉପରାଷ୍ଟ୍ରପତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କର୍ପୁରୀ ଠାକୁରଙ୍କୁ ଜଣେ ସ୍ୱଚ୍ଛ ରାଜନେତା ବୋଲି କହିଛନ୍ତି ।

**V/O-**

ଜୟନ୍ତୀ ସମାରୋହରେ ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନ୍ଦ ରାୟ ପ୍ରମୁଖ ଯୋଗଦେଇଛନ୍ତି । ଏହି ଅବସରରେ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ଭାଗିରଥ ଚୌଧୁରୀ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନା ଉପସ୍ଥିତ ଅଛନ୍ତି ।

ଆଜି ମଧ ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କ ଜୟନ୍ତୀ ଅବସରରେ ଉପରାଷ୍ଟ୍ରପତି ସମସ୍ତିପୁରର ଗୋଖୁଲ ଫୁଲେସ୍ୱରୀ ମହାବିଦ୍ୟାଳୟରେ ଏକ ସ୍ମୃତି ବକ୍ତୃତା ପ୍ରଦାନ କରିବେ । କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ତଥା କର୍ପୂରୀ

ଠାକୁରଙ୍କ ପୁଅ ରାମନାଥ ଠାକୁର କହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସରଳ ଜୀବନ ଶୈଳୀକୁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପନ କରାଯିବ । ୧୯୨୪ ମସିହା ଜାନୁଆରୀ ୨୪ ତାରିଖରେ ଜନ୍ମଗ୍ରହଣ କରିଥିବା କର୍ପୂରୀ ଠାକୁର ୨ଥର ବିହାରର ମୁଖ୍ୟମନ୍ତ୍ରୀ ହୋଇଥିଲେ ।

## ପିଏମ୍-କର୍ପୁରୀ ଠାକୁର

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ କର୍ପୁରୀ ଠାକୁରଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଶ୍ରୀ ଠାକୁର ସାମାଜିକ ନ୍ୟାୟ ଏବଂ ଜନମଙ୍ଗଳ ପାଇଁ ସାରା ଜୀବନ ଉତ୍ସର୍ଗ କରିଥିଲେ ତାଙ୍କ ଆଦର୍ଶ ଆଗାମୀ ପୀଢ଼ିକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ରାଜନାଥ ସିଂହ-ସଞ୍ଜୟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀର ସାଉଥ୍ ବ୍ଲକରେ ଯୁଦ୍ଧକ୍ଷେତ୍ର ନିରୀକ୍ଷଣ ପ୍ରଣାଳି-ସଞ୍ଜୟକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ସଞ୍ଜୟ ହେଉଛି ସ୍ୱୟଂଚାଳିତ ଯୁଦ୍ଧକ୍ଷେତ୍ର ନିରୀକ୍ଷଣ ପ୍ରଣାଳୀ, ଯେଉଁଥିରେ ଭୂମି ଏବଂ ଆକାଶରୁ ଯୁଦ୍ଧ କ୍ଷେତ୍ରରେ ମିଳୁଥିବା ସମସ୍ତ ତଥ୍ୟକୁ ଏକତ୍ରିତ କରି ସେଗୁଡ଼ିକର ସତ୍ୟତା ଯାଞ୍ଚ କରିଥାଏ ଏବଂ ଶତ ପ୍ରତିଶତ

ସଠିକ୍ ତଥ୍ୟକୁ କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରିଥାଏ । ଫଳରେ ସେନାବାହିନୀକୁ ଯୁଦ୍ଧକ୍ଷେତ୍ରର ସଠିକ୍ ସ୍ଥିତି ସମ୍ପର୍କରେ ସୂଚନା ମିଳିଥାଏ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସଞ୍ଜୟ ଯୁଦ୍ଧକ୍ଷେତ୍ର ନିରୀକ୍ଷଣ ପ୍ରଣାଳୀ ଆଗାମୀ ଦିନରେ ଯୁଦ୍ଧ କ୍ଷେତ୍ରରେ ସେନା ପରିଚାଳନା ଓ ଅନ୍ୟାନ୍ୟ ସ୍ଥିତିର ସଠିକ୍ ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।

## ଜେପିସି

ୱାକ୍ଅଫ୍ ସଂଶୋଧନ ବିଲ୍ ଉପରେ ଗଠିତ ଯୁଗ୍ମ ସଂସଦୀୟ କମିଟି ଆଜି ଓ ଆସନ୍ତାକାଲି ବୈଠକ କରିବ । ବିଜେପି ସାଂସଦ ଜଗଦମ୍ବିକା ପାଲ୍ଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟି ଆଗାମୀ ବଜେଟ୍ ଅଧିବେଶନର ଶେଷ ଦିନରେ ଏହି ବିଲ୍ ଉପରେ ଚୂଡାନ୍ତ ରିପୋର୍ଟ ଦାଖଲ କରିବାର ସମ୍ଭାବନା ରହିଛି । ଚଳିତମାସ ୩୧ରୁ ବଜେଟ୍ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖରେ ଶେଷ ହେବ । ଏବେ ପାଟ୍ନା, କୋଲକାତା ଏବଂ ଲକ୍ଷ୍ନୌ ଗସ୍ତରେ ଥିବା ସଦସ୍ୟମାନେ ସ୍ଥାନୀୟ ୱାକ୍ ଅଫ୍ ବୋର୍ଡ ଏବଂ ସଂଖ୍ୟାଲଘୁ କଲ୍ୟାଣ ବିଭାଗର ପ୍ରତିନିଧିମାନଙ୍କ ସହ ଆଲୋଚନା କରୁଛନ୍ତି । ସୂଚନା ଅନୁଯାୟୀ ଲକ୍ଷ୍ନୌରେ ଉତ୍ତରପ୍ରଦେଶ ୱାକ୍ଅଫ୍ ବୋର୍ଡର ପ୍ରତିନିଧି ଏବଂ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟର

ଅଧିକାରୀମାନଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ସୂଚନାଯୋଗ୍ୟ ଗତବର୍ଷ ଅଗଷ୍ଟ ମାସରେ ଲୋକସଭାରେ ଏହି ବିଲ୍ ଆଗତ ହେବା ପରେ ବିରୋଧୀ ଦଳ ଗୁଡ଼ିକର ଦାବିକୁ ଦୃଷ୍ଟିରେ ରଖି ଯୁଗ୍ମ ସଂସଦୀୟ କମିଟିକୁ ପଠା ଯାଇଥିଲା ।

## ପିଏମ୍-ଆର୍ୟାଲ୍ୟାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟାରଲ୍ୟାଣ୍ଡର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ମାଇକେଲ ମାର୍ଟିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଭାରତ ଦ୍ୱିପାକ୍ଷିକ ସହଭାଗିତାକୁ ଆହୁରି ମଜଭୁତ କରିବା ପାଇଁ ଏକାଠି କାମ କରିବାକୁ ପ୍ରତିବଦ୍ଧ । ଆୟାରଲ୍ୟାଣ୍ଡ ଓ ଭାରତର ସମ୍ପର୍କ ସମାନ ମୂଲ୍ୟବୋଧର ଦୃଢ଼ ଭିତ୍ତିଭୂମି ଉପରେ ଆଧାରିତ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ମହାରାଷ୍ଟ୍ର ବ୍ଲାଷ୍ଟ

ମହାରାଷ୍ଟ୍ରର ଭଣ୍ଡାରାଠାରେ ଥିବା ଗୋଳାବାରୁଦ କାରଖାନାରେ ଆଜି ସକାଳେ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି । ଉଦ୍ଧାରକାରୀ ଓ ଡାକ୍ତରୀ ଦଳକୁ ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟ ନିମନ୍ତେ ଘଟଣାସ୍ଥଳରେ ମୁତୟନ କରାଯାଇଛି ।

# ଜାତୀୟ କନ୍ୟା ସନ୍ତାନ ଦିବସ

ସମାଜରେ କନ୍ୟା ସନ୍ତାନଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ସାରା ଦେଶରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଉଛି । ଏହି ଦିବସ ପ୍ରତ୍ୟେକ କନ୍ୟା ସନ୍ତାନଙ୍କୁ ସମ୍ମାନର ସହିତ ଲାଳନପାଳନ, ଶିକ୍ଷାଦାନ ଏବଂ ସାମଗ୍ରିକ ବିକାଶ ପାଇଁ ସମାନ ସୁଯୋଗ ପାଇବାର ଗୁରୁତ୍ୱକୁ ସ୍ମରଣ କରାଇଥାଏ । ଏହି ଦିନଟିରେ ମଧ୍ୟ ୨୦୧୫ ଜାନୁଆରୀ ୨୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବେଟୀ ବଚାଓ, ବେଟୀ ପଢ଼ାଓ ଯୋଜନାର ବାର୍ଷିକୀ ମଧ୍ୟ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟା ମାନଙ୍କୁ ସଶକ୍ତ କରିବା' । ସମାଜରେ ଝିଅମାନଙ୍କ ଭୂମିକାକୁ ସ୍ୱୀକାର କରି ସେମାନଙ୍କୁ ନେତୃତ୍ୱ ନେବା ଏବଂ ଭବିଷ୍ୟତ ଗଠନ ପାଇଁ ସମାନ ସୁଯୋଗ ପ୍ରଦାନ କରିବାର ଆବଶ୍ୟକତାକୁ ଏହି ବାର୍ତ୍ତା ଗୁରୁତ୍ୱ ଦେଉଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି କନ୍ୟା ସନ୍ତାନ ମାନଙ୍କୁ କ୍ଷମତାପନ୍ନ କରିବା ଲାଗି ସରକାର ସେମାନଙ୍କ ଶିକ୍ଷା, ଜ୍ଞାନକୌଶଳ, ଦକ୍ଷତା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । କନ୍ୟା ସନ୍ତାନଙ୍କ ଲାଗି ଅଧିକ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ସେମାନେ ଯେଭଳି କୌଣସି ଭେଦଭାବର ଶିକାର ନହେବେ ସେଥିଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଦିଲ୍ଲୀ-ଇଲେକ୍ସନ

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟ ଜୋର୍ ଧରିଛି । ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ ମତଦାତାଙ୍କୁ ଆକୃଷ୍ଟ କରିବା ଲାଗି ଜନସଭା, ରୋଡ ଶୋ' ଏବଂ ଘରକୁ ଘର ବୁଲି ପ୍ରଚାର ଅଭିଯାନ ଜାରି ରଖିଛନ୍ତି । ଆସନ୍ତାମାସ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ ଅନୁଷ୍ଠିତ ହେବ ।

ଭାରତୀୟ ଜନତା ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି ଏବଂ କଂଗ୍ରେସ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମୁଖ୍ୟତଃ ପ୍ରାର୍ଥୀ ଦେଇଛନ୍ତି । ଦିଲ୍ଲୀରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଆଜି ପଟେଲ ନଗର ବିଧାନସଭା ଆସନ ଅନ୍ତର୍ଗତ ବଲଜିତ୍ ନଗରରେ ଏକ ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁର ନୂଆଦିଲ୍ଲୀର ମଙ୍ଗଳପୁରୀ ଏବଂ ଦ୍ୱାରକା ଆସନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଜନସଭା କରିବେ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଆମ୍ ଆଦ୍‌ମୀ ପାର୍ଟିର ଆବାହକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ତିନୋଟି ସ୍ଥାନରେ ରୋଡ ଶୋ' କରୁଛନ୍ତି । ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ କେତେକ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

## ମୁମ୍ବାଇ-ସୈଫ ଅଲ୍ଲୀ ଖାଁ

ମୁମ୍ବାଇ ପୋଲିସ ଅଭିନେତା ସୈଫ ଅଲ୍ଲୀ ଖାଁଙ୍କ ବୟାନ ରେକର୍ଡ କରିଛି । ଚଳିତମାସ ୧୬ ତାରିଖରେ ଅଭିନେତାଙ୍କ ଉପରେ ଆକ୍ରମଣ ହୋଇଥିଲା । ତାଙ୍କ ବୟାନରେ କହିଛନ୍ତି ସୈଫ୍ ପତ୍ନୀ କରିନା କପୁରଙ୍କ ସହ ଥିବାବେଳେ ସହାୟିକା ଏଲିମା ଫିଲିପଙ୍କ ଚିତ୍କାର ଶୁଣି ସେ ତଳ କୋଠରିକୁ ଚାଲି ଆସିଥିଲେ । ସେଠାରେ ଆକ୍ରମଣକାରୀ ଉପସ୍ଥିତ ଥିବା ସେ କହିଛନ୍ତି । ଅଭିନେତା ସୈଫ ଅଲ୍ଲୀ ଖାଁ ସମ୍ପୃକ୍ତ ଆକ୍ରମଣକାରୀକୁ ଦୂରେଇ ଦେବାକୁ ଚେଷ୍ଟା କରୁଥିବାବେଳେ ସେ ତାଙ୍କ ପିଠି, ବେକ ଏବଂ ହାତରେ ଛୁରି ସାହାଯ୍ୟରେ ଆକ୍ରମଣ କରିଥିଲା । ସୈଫ କହିଛନ୍ତି ସେ ଆକ୍ରମଣକାରୀକୁ ଏକ ଘର ମଧ୍ୟରେ ବନ୍ଦ କରି ଦେଇଥିଲେ ଓ ପରେ ସେ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ ।

## ରାମଗୋପାଲ କେସ୍

ଏକ ଚେକ୍ ବାଉନ୍ସ ମାମଲାରେ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ରାମଗୋପାଲ ବର୍ମାଙ୍କୁ ମୁମ୍ବାଇ ଅନ୍ଧେରୀ ମାଜିଷ୍ଟ୍ରେଟ୍ସ୍ତରୀୟ କୋର୍ଟ ଦୋଷୀସାବ୍ୟସ୍ତ କରିଛନ୍ତି । ଏହି ମାମଲାରେ ତାଙ୍କୁ ତିନିମାସ ଦଣ୍ଡାଦେଶ ହୋଇଛି । ୭ବର୍ଷ ତଳେ ଶ୍ରୀ ନାମକ କମ୍ପାନୀ ନିର୍ମାତା ରାମଗୋପାଲ ବର୍ମାଙ୍କ ବିରୋଧରେ ଚେକ୍ ବାଉନ୍ସ ସମ୍ପର୍କିତ ମାମଲା କରିଥିଲେ । ଅନ୍ଧେରୀ ମାଜିଷ୍ଟ୍ରେଟ୍ କୋର୍ଟ ଏହି ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଏହାବ୍ୟତୀତ ଶ୍ରୀ ବର୍ମା ଆସନ୍ତା ୩

ମାସ ମଧ୍ୟରେ ୩ଲକ୍ଷ ୭୨ହଜାର ଟଙ୍କା ସମ୍ପୃକ୍ତ କମ୍ପାନୀକୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥ ପ୍ରଦାନ ନକଲେ ଆହୁରି ୩ ମାସ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ନ୍ୟାୟାଳୟ ତାଙ୍କ ଆଦେଶରେ କହିଛନ୍ତି ।

ଶୁଣାଣି ସମୟରେ ଶ୍ରୀ ବର୍ମା ଉପସ୍ଥିତ ନଥିବାରୁ, ନ୍ୟାୟାଳୟ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି କରିଛନ୍ତି । ତେବେ ଶ୍ରୀ ବର୍ମା ଏହି ଘଟଣା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ କହିଛନ୍ତି ତାଙ୍କର ଜଣେ ପୂର୍ବତନ କର୍ମଚାରୀଙ୍କ ସହ ଏହି ମାମଲା ଜଡିତ ଏବଂ ଏ ସମ୍ପର୍କରେ ତାଙ୍କ ଓକିଲ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ । ସୂଚନାଯୋଗ୍ୟ ରାମଗୋପାଳ ବର୍ମା ରଙ୍ଗିଲା, ସତ୍ୟ, କମ୍ପାନୀ, ଭୂତ୍, ସର୍କାର ଭଳି ଲୋକପ୍ରିୟ ଚଳଚ୍ଚିତ୍ରର ନିର୍ମାତା ଅଟନ୍ତି ।

## ଜେପିସି

ଓ୍ୱାକ୍‌ଅଫ୍ ସଂଶୋଧନ ବିଲ୍ ଉପରେ ଗଠିତ ଯୁଗ୍ମ ସଂସଦୀୟ କମିଟି ଆଜି ଓ ଆସନ୍ତାକାଲି ବୈଠକ କରିବ । ବିଜେପି ସାଂସଦ ଜଗଦମ୍ବିକା ପାଲ୍‌ଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟି ଆଗାମୀ ବଜେଟ୍ ଅଧିବେଶନର ଶେଷ ଦିନରେ ଏହି ବିଲ୍ ଉପରେ ଚୂଡାନ୍ତ ରିପୋର୍ଟ ଦାଖଲ କରିବାର ସମ୍ଭାବନା ରହିଛି । ଚଳିତମାସ ୩୧ରୁ ବଜେଟ୍ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୪ ତାରିଖରେ ଶେଷ ହେବ । ଏବେ ପାଟ୍‌ନା, କୋଲକାତା

ଏବଂ ଲକ୍ଷ୍ନୌ ଗସ୍ତରେ ଥିବା ସଦସ୍ୟମାନେ ସ୍ଥାନୀୟ ୱାକ୍ ଅଫ୍ ବୋର୍ଡ ଏବଂ ସଂଖ୍ୟାଲଘୁ କଲ୍ୟାଣ ବିଭାଗର ପ୍ରତିନିଧିମାନଙ୍କ ସହ ଆଲୋଚନା କରୁଛନ୍ତି । ସୂଚନା ଅନୁଯାୟୀ ଲକ୍ଷ୍ନୌରେ ଉତ୍ତରପ୍ରଦେଶ ୱାକ୍ଅଫ୍ ବୋର୍ଡର ପ୍ରତିନିଧି ଏବଂ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ସୂଚନାଯୋଗ୍ୟ ଗତବର୍ଷ ଅଗଷ୍ଟ ମାସରେ ଲୋକସଭାରେ ଏହି ବିଲ୍ ଆଗତ ହେବା ପରେ ବିରୋଧୀ ଦଳ ଗୁଡ଼ିକର ଦାବିକୁ ଦୃଷ୍ଟିରେ ରଖି ଯୁଗ୍ମ ସଂସଦୀୟ କମିଟିକୁ ପଠା ଯାଇଥିଲା ।

## ହକି

ଓଡ଼ିଶା ୱାରିୟର୍ସ ପ୍ରଥମ ଦଳ ଭାବେ ମହିଳା ହକି ଇଣ୍ଡିଆ ଲିଗ୍ର ଫାଇନାଲକୁ ଉନ୍ନୀତ ହୋଇଛି । ଗତକାଲି ଝାଡ଼ଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ମ୍ୟାଚ୍ରେ ଦିଲ୍ଲୀ ଏସ୍.ଜି. ପାଇପର୍ସଠାରୁ ୩-୨ ସୁଟ୍ଆଉଟ୍ରେ ପରାସ୍ତ ହୋଇଥିଲେ ମଧ୍ୟ ଓଡ଼ିଶା ୱାରିୟର୍ସ ଏହି ଯୋଗ୍ୟତା ହାସଲ କରିଛି ।

ଆଜି ସଂଧ୍ୟା ୬ଟାରେ ମହିଳା ବର୍ଗରେ ସୁର୍ମା ହକି କ୍ଲବ ଓ ସ୍ରାଚିରାର ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ପୁରୁଷ ବର୍ଗରେ ରାତି ୮ଟା ୧୫ ମିନିଟ୍ରେ ସ୍ରାଚିରାର ବେଙ୍ଗଲ ଟାଇଗର୍ସ ଓ କଳିଙ୍ଗ ଲାନ୍ସର୍ସ ମଧ୍ୟରେ ମୁକାବିଲା ହେବ ।